India Media Monitor

# Dharitri

## JK Lakshmi cement new 'Platinum Supremo'

Nov 21, 2021 | Bhubaneshwar | Pg No.: 7 | Top Center | Bureau | Sq Cm: 285 |
AVE: 117893 | PR Value: 589465



# ଜେକେଏଲ୍ଏସ୍ ପ୍ଲାଟିନମ ସୁପ୍ରିମୋର ଶୁଭାରମ୍ଭ

ଭୁବନେଶ୍ୱର,୨୦।୧୧




ଦେଶର ଅଗ୍ରଣୀ ସିମେଣ୍ଟ କମ୍ପାନୀ ଜେକେ ଲକ୍ଷ୍ମୀ ସିମେଣ୍ଟ ଲିମିଟେଡ୍(ଜେକେଏଲ୍ଏସ୍) ପକ୍ଷରୁ ଶନିବାର ଏକ ନୂତନ ପ୍ରଡକ୍ଟର ଶୁଭାରମ୍ଭ ହୋଇଛି। କମ୍ପାନୀର ପ୍ରିମିୟମ ସିମେଣ୍ଟ ପ୍ଲାଟିନମ ସୁପ୍ରିମୋର ବଜାର ପ୍ରବେଶ ସହ ଏକ ଡିଲର ମିଟ୍ କାର୍ଯ୍ୟକ୍ରମ ସ୍ଥାନୀୟ ଖଣ୍ଡଗିରିସ୍ଥିତ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମ୍ପାନୀର ବ୍ରାଣ୍ଡ୍ ଆମ୍ବାସାଡର ଅଲମ୍ପିଆନ୍ ଭାରତୀୟ ବକ୍ସର ବିଜେନ୍ଦର ସିଂ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ, ମୁଁ ନିଜକୁ ଗର୍ବ ଅନୁଭବ କରୁଛି ଯେ ଏଭଳି ଏକ ମର୍ଯ୍ୟାଦାଜନକ କମ୍ପାନୀର ଜଣେ ସହଯୋଗୀ ହୋଇପାରିଛି। ଜଣେ ବକ୍ସର ଯେଭଳି ଅନ୍ୟ ଜଣେ ବକ୍ସର ସହ ଲଢ଼େଇ ପାଇଁ ଆବଶ୍ୟକ ନୀତିନିୟମକୁ ପାଳନ କରିଥାଏ, ଠିକ ସେହିଭଳି ଜଣେ ଲୋକ ତା' ମୁଣ୍ଡ ଉପରେ ଏକ ଶକ୍ତ ଛାତ କରିବା ପାଇଁ ଜେକେ ଲକ୍ଷ୍ମୀର ଏହି ନୂତନ ପ୍ରଡକ୍ଟ ପ୍ଲାଟିନମ ସୁପ୍ରିମୋର ବ୍ୟବହାର କରିବା ଆବଶ୍ୟକ ବୋଲି ବିଜେନ୍ଦର ମତବ୍ୟକ୍ତ କରିଛନ୍ତି। ସେହିଭଳି କମ୍ପାନୀର ସଭାପତି ଅରୁଣ ଶୁକ୍ଳା କହିଛନ୍ତି, ଜଣେ ଲୋକ କେତେ ପରିଶ୍ରମ କରି ତା'ର ସଞ୍ଚିତ ଅର୍ଥରେ ଏକ ଶକ୍ତ ଘର କରିବାର ସ୍ୱପ୍ନ ଦେଖିଥାଏ, ହେଲେ ଯଦି ଘର ପାଇଁ ଆବଶ୍ୟକ ସାମଗ୍ରୀ ଠିକ୍ ନ ମିଳେ ଅବା ଗୁଣବତ୍ତା ସାମଗ୍ରୀରେ ଘର ନ କରେ ତା' ହେଲେ ତା'ର ଅର୍ଥ ବେକାର ଯିବ। ସେଥିପାଇଁ କମ୍ପାନୀ ସର୍ବଦା ଗୁଣାତ୍ମକ ସାମଗ୍ରୀ ସାଙ୍ଗକୁ ନୂତନ ପ୍ରଡକ୍ଟ ବଜାରକୁ ବିକ୍ରୟ ପାଇଁ ଛାଡ଼ିଥାଏ। ବିଶେଷକରି ଓଡ଼ିଶା ବଜାର ପାଇଁ କମ୍ପାନୀ ଏହି ନୂତନ ପ୍ରଡକ୍ଟର ବଜାର ପ୍ରବେଶ କରାଇବା ସହ ଗ୍ରାହକଙ୍କଠାରୁ ପୂର୍ବ ଭଳି ଭଲ ପାଇବା ଓ ବଜାର ଚାହିଦା ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ସ୍ୱରୂପ କମ୍ପାନୀ କଟକଠାରେ ଏକ ନୂତନ ପ୍ଲାଣ୍ଟର ଲୋକାର୍ପଣ କରିଛି। କମ୍ପାନୀର ଉକ୍ତ ପ୍ଲାଣ୍ଟରୁ ପ୍ଲାଟିନମ ସୁପ୍ରିମୋର ଉତ୍ପାଦ ଗ୍ରାହକଙ୍କ ଚାହିଦା ପୂରଣରେ ବେଶ୍ ସହାୟକ ହେବ ବୋଲି ଅରୁଣ ସୂଚନା ଦେଇଛନ୍ତି। ସେହିପରି କମ୍ପାନୀର ଏହି ନୂତନ ପ୍ରଡକ୍ଟ ଓ ଡିଲର ମିଟ୍ ସମ୍ପର୍କରେ ଜେକେ ଲକ୍ଷ୍ମୀର ଓଡ଼ିଶା ମୁଖ୍ୟ ଲଲାଟେନ୍ଦୁ ମିଶ୍ର ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ପ୍ଲାଣ୍ଟ ହେଡ୍ ଓଡ଼ିଶା ଗିରୀଶ ତିୱାରୀ,ଜେକେ ଲକ୍ଷ୍ମୀର ବରିଷ୍ଠ ଉପସଭାପତି ସୁନୀଲ ଅଗ୍ରୱାଲଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କମ୍ପାନୀର କର୍ମଚାରୀ ଏବଂ ପ୍ରାୟ ୧୫୦ ଡିଲର ଉକ୍ତ କାର୍ଯ୍ୟକ୍ରମର ସାମିଲ ହୋଇଥିଲେ।